# NATIONAL NEWS BULLETIN (ODIA)

**20 May - 2025**

**Morning Bulletin : 7.15 A.M.**

*************************************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀ ମନ୍ କି ବାତ୍ କାର୍ଯ୍ୟକ୍ରମର ଆଗାମୀ ସଂସ୍କରଣ ପାଇଁ ଦେଶବାସୀଙ୍କଠୁ ମତାମତ ଲୋଡ଼ିଲେ ପ୍ରଧାନମନ୍ତ୍ରୀ ।

- ନୂତନ ପ୍ରବାସୀ ଭାରତୀୟ ନାଗରିକ ଓ.ସି.ଆଇ. ପୋର୍ଟାଲ୍‌ର ଶୁଭାରମ୍ଭ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଗୋଆକୁ ଆଜିଠାରୁ ତିନି ଦିନିଆ ଗସ୍ତରେ ଯିବେ ଉପରାଷ୍ଟ୍ରପତି ।

- କୃଷି ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଆଇ.ସି.ଏ.ଆର୍. ପ୍ରତିଷ୍ଠାନ ନିର୍ଦ୍ଦେଶକଙ୍କ ବାର୍ଷିକ ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ କୃଷି ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ପ୍ଲେଅଫ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଲା ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ।

# ପିଏମ୍- ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶରେ ଥିବା ଭାରତୀୟଙ୍କ ସହ ଭାବବିନିମୟ କରିବେ। ଏହା ହେବ 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୨୨ତମ ସଂସ୍କରଣ। ଇଚ୍ଛୁକ ବ୍ୟକ୍ତିମାନେ ଟୋଲ୍ ଫ୍ରି ନମ୍ବର- ୧୮୦୦-୧୧-୭୮୦୦ ମାଧ୍ୟମରେ ସେମାନଙ୍କର ମତାମତ ଏବଂ ପରାମର୍ଶ ପଠାଇପାରିବେ। ନରେନ୍ଦ୍ର ମୋଦୀ ଆପ୍ କିମ୍ବା mygov ଓପନ୍ ଫୋରମ୍ ମାଧ୍ୟମରେ ମଧ୍ୟ ଅନଲାଇନ୍‌ରେ ମତାମତ ଉପସ୍ଥାପନ କରାଯାଇପାରିବ । ଏଥିପାଇଁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି ।

# ଏଚ୍ଏମ୍- ଓସିଆଇ ପୋର୍ଟାଲ

ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନୂତନ ପ୍ରବାସୀ ଭାରତୀୟ ନାଗରିକ ଓ.ସି.ଆଇ. ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲ ପୂର୍ବରୁ ଥିବା ତ୍ରୁଟିଗୁଡ଼ିକୁ ଦୂର କରିବା ଏବଂ ବ୍ୟବହାର କାରିକ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଆରମ୍ଭ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଗତ ଦଶନ୍ଧିରେ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା, ଉନ୍ନତି ଏବଂ ଓ.ସି.ଆଇ. କାର୍ଡଧାରୀମାନଙ୍କଠାରୁ ମିଳିଥିବା ମତାମତକୁ ଦୃଷ୍ଟିରେ ରଖି ଏହି ନୂତନ ଓ.ସି.ଆଇ. ପୋର୍ଟାଲ ବିକଶିତ କରାଯାଇଛି।

ଏହି ନୂତନ ପୋର୍ଟାଲ୍ ୫ ନିୟୁତରୁ ଅଧିକ ଓସିଆଇ କାର୍ଡ୍‌ଧାରୀ ଏବଂ ନୂତନ ବ୍ୟବହାରକାରୀଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ଆଶା କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ପୋର୍ଟାଲ୍‌ରେ ପଞ୍ଜିକୃତଙ୍କୁ ବିଶ୍ୱସ୍ତରରେ ପ୍ରବାସ ସୁବିଧା ପ୍ରଦାନ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି । ପ୍ରବାସୀ ନାଗରିକଙ୍କ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବା ପାଇଁ ଏକ ଆଧୁନିକ ୟୁଜର୍ ଇଣ୍ଟରଫେସ୍ ସହିତ ଏହି ପୋର୍ଟାଲ୍‌କୁ ଆରମ୍ଭ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଓ.ସି.ଆଇ. ସେବା ପୋର୍ଟାଲ୍ ୨୦୧୩ରେ ବିକଶିତ ହୋଇଥିଲା । ବିଦେଶରେ କାର୍ଯ୍ୟରତ ୧୮୦ରୁ ଅଧିକ ଭାରତୀୟ ମିଶନ୍ ଏବଂ ୧୨ଟି ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ ଏହି ପୋର୍ଟାଲ୍ ମାଧ୍ୟମରେ କାର୍ଯ୍ୟକ୍ଷମ ଅଛନ୍ତି ।

## ପିଏମ୍-ଓସିଆଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂତନ ଓ.ସି.ଆଇ. ପୋର୍ଟାଲ୍‌ର ଉଚ୍ଚ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଏହି ପୋର୍ଟାଲ୍ ନାଗରିକ ସହଯୋଗ ସମ୍ପନ୍ନ ଡିଜିଟାଲ୍ ପ୍ରଶାସନକୁ ତ୍ୱରାନ୍ୱିତ କରିବ । ପ୍ରବାସୀଙ୍କୁ ସୁବିଧାସୁଯୋଗ ପ୍ରଦାନ କରିବାରେ ଏହା ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

# ଭିପି-ଗୋଆ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜିଠାରୁ ତିନି ଦିନିଆ ଗୋଆ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଆସନ୍ତାକାଲି ଉପରାଷ୍ଟ୍ରପତି ମୋରମୁଗାଓ ବନ୍ଦର ପରିଦର୍ଶନ କରିବା ସହ ସେଠାରେ କେତେକ ନୂତନ ପ୍ରକଳ୍ପକୁ ଲୋକାର୍ପଣ କରିବେ । ବନ୍ଦରର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସହିତ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଉପରାଷ୍ଟ୍ରପତି ଏକ ତଟରକ୍ଷୀ ଜାହାଜରେ ଭାରତୀୟ ତଟରକ୍ଷୀ ବାହିନୀର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି । ଶ୍ରୀ ଧନଖଡ଼ ଆସନ୍ତା ଗୁରୁବାର ଦିନ ଆଇ.ସି.ଏ.ଆର୍. କେନ୍ଦ୍ରୀୟ ଉପକୂଳ କୃଷି ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ କରିବେ । ସେଠାରେ ଅଧ୍ୟାପକ ଏବଂ ବୈଜ୍ଞାନିକଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ରାଜଭବନରେ ଆୟୁର୍ବେଦ ଏବଂ ଶୈଲ୍ୟ ଚିକିତ୍ସା କ୍ଷେତ୍ରର ପ୍ରତିଷ୍ଠାତା ଚରକ ଏବଂ ସୁଶ୍ରୁତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

# ବୈଦେଶିକ ସଚିବ

ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଏକ ଦ୍ୱିପାକ୍ଷିକ ନିଷ୍ପତ୍ତି । ଏହି ନିଷ୍ପତ୍ତିରେ ଆମେରିକାର କୌଣସି ଭୂମିକା ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି ସଂସଦୀୟ କମିଟି ନିକଟରେ ସ୍ପଷ୍ଟ କରିଛନ୍ତି । ଶ୍ରୀ ମିଶ୍ରି କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା

ସଂଘର୍ଷ ପାରମ୍ପରିକ ଅସ୍ତ୍ର ମଧ୍ୟରେ ସୀମିତ ଥିଲା । ପରମାଣୁ ଅସ୍ତ୍ର ପ୍ରୟୋଗ ଲାଗି ପାକିସ୍ତାନ ପକ୍ଷରୁ କୌଣସି ପ୍ରକାର ସଂକେତ ମିଳି ନଥିଲା । ଯୁଦ୍ଧ ଉତ୍ତେଜନା ବନ୍ଦ ପାଇଁ ଦୁଇଦେଶର ସାମରିକ ଅଧିକାରୀଙ୍କ ସ୍ତରରେ କଥାବାର୍ତ୍ତା ହୋଇଥିଲା । ଏହି ସମୟରେ ଉଭୟପକ୍ଷ ଅସ୍ତ୍ର ବିରତି ନେଇ ସହମତି ପ୍ରକାଶ କରିଥିଲେ । ସମ୍ମିତି ଆଧାରରେ ଅସ୍ତ୍ରବିରତି ଅନିର୍ଦ୍ଦିଷ୍ଟ କାଳ ପାଇଁ ବଳବତ୍ତର ରହିଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି ।

## ସୋନଓ୍ୱାଲ୍-ଓ୍ୱାଟରଓ୍ୱେଜ୍

ଦେଶର ଉତ୍ତର-ପୂର୍ବ ଅଞ୍ଚଳରେ ଏକ ଦୃଢ଼ ଜଳପଥ ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଅନୁଯାୟୀ ଆସାମ ଏବଂ ଉତ୍ତରପୂର୍ବ ଅଞ୍ଚଳରେ ୧ ହଜାର କୋଟି ଟଙ୍କାର ପ୍ରକଳ୍ପ ସହିତ ଜଳପଥ ଭିତ୍ତିଭୂମିର ବିକାଶ କାର୍ଯ୍ୟ ଚାଲିଛି । ୨୦୨୬ ସୁଦ୍ଧା ଏହାକୁ ଶେଷ କରିବା ନେଇ ଲକ୍ଷ୍ୟ ରଖାଯାଇଛି । ଇତିମଧ୍ୟରେ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ସମ୍ପନ୍ନ ହୋଇସାରିଛି । ବିକଶିତ ଭାରତ ସ୍ୱପ୍ନ ସାକାର କରିବା ଦିଗରେ  ଦେଶ ଅଗ୍ରସର ହେଉଛି ଏବଂ ଏଥିରେ ଆସାମ ଓ ଉତ୍ତର ପୂର୍ବାଞ୍ଚଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏଥିସହ ଯୁବବର୍ଗଙ୍କ ଦକ୍ଷତା ବିକାଶ ଏବଂ ନିଯୁକ୍ତି କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ

ସରକାର ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ଉପରେ ସେ ଆଲୋକପାତ କରିଛନ୍ତି ।

## ଶିବରାଜ-ଆଇସିଏଆର୍ କନ୍‌ଫରେନ୍ସ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ନୂଆଦିଲ୍ଲୀ ଠାରେ ଆଜି କୃଷି ବିଶ୍ୱବିଦ୍ୟାଳୟ ଗୁଡ଼ିକର କୂଳପତି ଏବଂ ଆଇ.ସି.ଏ.ଆର୍. ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଚଳିତ ବର୍ଷ ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି, 'ଲକ୍ଷ୍ୟ ହାସଲ ପାଇଁ ଏକତ୍ରିକରଣ : ୨୦୪୭ ବିକଶିତ ଭାରତ ପାଇଁ କୃଷି ଗବେଷଣା, ଶିକ୍ଷାକୁ ଅଧିକ ବ୍ୟାପକ କରିବା ।' ଏହି ଅବସରରେ ଶ୍ରୀ ଚୌହାନ ଦୀର୍ଘକାଳୀନ ବିକାଶ ଆଧାରରେ ଜାତୀୟ କୃଷି ଗବେଷଣା ପ୍ରଣାଳୀର ପରିକଳ୍ପନା ସଂକ୍ରାନ୍ତ ଏକ ଉଚ୍ଚସ୍ତରୀୟ ଆଲୋଚନା ବୈଠକରେ ଅଧ୍ୟକ୍ଷତା କରିବେ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ସମ୍ମିଳନୀ ଦେଶର କୃଷି ନବସୃଜନ ଇକୋ ସିଷ୍ଟମ୍‌କୁ ସୁଦୃଢ଼ କରିବାରେ ସହାୟକ ହେବ । ଏ କ୍ଷେତ୍ରରେ ଆବଶ୍ୟକ ସଂସ୍କାର ନେଇ ପ୍ରମୁଖ ନୀତିନିର୍ଦ୍ଧାରକ ଏବଂ ବିଶେଷଜ୍ଞଙ୍କ ମଧ୍ୟରେ ମତବିନିମୟ ହେବ । ମତ୍ସ୍ୟ ଓ ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଂଜନ ସିଂହ ଓ କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଭଗୀରଥ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

## ଜେମ୍-ସିଇଓ

ସରକାରୀ ଇ-ବଜାର କ୍ଷେତ୍ର (ଜେମ୍) ବିଶ୍ୱର ସର୍ବବୃହତ ଏବଂ ସବୁଠାରୁ ଦକ୍ଷ ସାର୍ବଜନୀନ ଇ-କ୍ରୟ ପ୍ଲାଟ୍‌ଫର୍ମ ମଧ୍ୟରୁ ଅନନ୍ୟ ଭାବେ ପରିଗଣିତ ହୋଇଛି ବୋଲି ଜେମ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମିହିର କୁମାର କହିଛନ୍ତି । ନୂଆଦିଲ୍ଲୀ ଠାରେ ଗତକାଲି ଜେମ୍‌ର ଅଷ୍ଟମ ପ୍ରତିଷ୍ଠା ଦିବସ ଅବସରେ ଗଣମାଧ୍ୟମକୁ ସମ୍ବୋଧନ କରି ସେ କହିଛନ୍ତି, ଏହି ବ୍ୟବସ୍ଥା ସହଜ ଏବଂ ସୁଲଭତା କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ସେ କହିଛନ୍ତି, ୧୦ ଲକ୍ଷରୁ ଅଧିକ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର, ୧ ଲକ୍ଷ ୩୦ ହଜାର କାରିଗର ଓ ବୁଣାକାର, ୧ ଲକ୍ଷ ୮୪ ହଜାର ମହିଳା ଉଦ୍ୟୋଗୀ ଏବଂ ୩୧ ହଜାର ଷ୍ଟାର୍ଟଅପ୍ ଏହି ବ୍ୟବସ୍ଥା ସହ ଜଡ଼ିତ ହୋଇଛନ୍ତି । ୮ ବର୍ଷ ମଧ୍ୟରେ ଜେମ୍ ସାର୍ବଜନୀନ କ୍ରୟ କ୍ଷେତ୍ରରେ ଏକ ପରିବର୍ତ୍ତନ ଶକ୍ତି ଭାବରେ ଉଭା ହୋଇଛି । ଏକ ଦୃଢ଼ ଡିଜିଟାଲ୍ ଇକୋ ସିଷ୍ଟମ୍ ମଧ୍ୟ ଏହା ଦ୍ୱାରା ବିକଶିତ ହୋଇପାରିଛି । ଦେଶର ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହୋଇଛି ବୋଲି ଶ୍ରୀ କୁମାର କହିଛନ୍ତି ।

## ଟ୍ରମ୍ପ୍-ପୁଟିନ୍ ଫୋନ୍‌କଲ୍

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ରୁଷ-ୟୁକ୍ରେନ୍ ସଂଘର୍ଷରେ  ଶାନ୍ତି ପାଇଁ ସବୁଠାରୁ ପ୍ରଭାବଶାଳୀ ମାର୍ଗ ଚିହ୍ନଟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି । ଯୁଦ୍ଧବିରତି ନେଇ ୟୁକ୍ରେନ୍ ସହିତ ଆଲୋଚନାର ସମ୍ଭାବନା

ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଦୀର୍ଘ ଦୁଇ ଘଣ୍ଟାର ଆଲୋଚନା ପରେ ରାଷ୍ଟ୍ରପତି ଶ୍ରୀ ପୁଟିନ୍ ଏହା କହିଛନ୍ତି । ଉଭୟ ଦେଶ ମଧ୍ୟରେ ସିଧାସଳଖ ଆଲୋଚନା ପୁନଃ ଆରମ୍ଭ ନେଇ ରାଷ୍ଟ୍ରପତି ଶ୍ରୀ ପୁଟିନ୍ ଆଶାବ୍ୟକ୍ତ କରିଛନ୍ତି । ସଂଘର୍ଷର ମୂଳ କାରଣ ଗୁଡ଼ିକୁ ଦୂର କରିବା ଦିଗରେ ଏହା ସଠିକ୍ ପଦକ୍ଷେପ ହେବ ବୋଲି ସେ କହିଛନ୍ତି । ଶାନ୍ତି ଆଲୋଚନା ପୁନଃ ଆରମ୍ଭ ପାଇଁ ପଦକ୍ଷେପ ନେଇଥିବାରୁ ଶ୍ରୀ ଟ୍ରମ୍ପ୍‌ଙ୍କୁ ରାଷ୍ଟ୍ରପତି ଶ୍ରୀ ପୁଟିନ୍ ଧନ୍ୟବାଦ ଜଣାଇଛନ୍ତି ।

## ଛଗନ ଭୁଜବଳ

ଏନ୍.ସି.ପି.ର ବରିଷ୍ଠ ନେତା ଛଗନ ଭୁଜବଳ ମହାରାଷ୍ଟ୍ର କ୍ୟାବିନେଟ୍ ମନ୍ତ୍ରିମଣ୍ଡଳରେ ସାମିଲ ହେବେ । ଆଜି ପୂର୍ବାହ୍ନରେ ସେ ପଦ ଓ ଗୋପନୀୟତାର ଶପଥପାଠ କରିବାର କାର୍ଯ୍ୟସୂଚୀ ରହିଛି । ତାଙ୍କୁ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେଙ୍କ ମନ୍ତ୍ରିମଣ୍ଡଳରେ ମଧ୍ୟ ସେ ଏହି ବିଭାଗର ଦାୟିତ୍ୱରେ ଥିଲେ ।

# ହଜ୍-ଫେଜ୍ ଟୁ

ଚଳିତ ବର୍ଷ ହଜ୍ ତୀର୍ଥ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସମଗ୍ର ଦେଶରେ ୧୮ଟି ଏମ୍ବାରକେଶନ ପଏଣ୍ଟ ଇ.ପି.ଏସ୍. କାର୍ଯ୍ୟକାରୀ ହୋଇଛି । ଗୋଟିଏ ମାସର ସୀମିତ ସମୟ ଭିତରେ ଏକ ଲକ୍ଷ ୨୦ ହଜାରରୁ ଅଧିକ ତୀର୍ଥ ଯାତ୍ରୀଙ୍କୁ ପରିବହନ କରିବାର ସୁବିଧା ପ୍ରଦାନ ଲକ୍ଷ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ କହିଛି, ପ୍ରଥମ ପର୍ଯ୍ୟାୟରେ ଗତ ମାସ ୨୯ ତାରିଖରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଇ.ପି.ଏସ୍.କୁ କାର୍ଯ୍ୟକାରୀ କରାଯାଇଥିଲା । ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୋପାଳ, ଦିଲ୍ଲୀ, ଗୟା, ଗୌହାଟୀ, ହାଇଦ୍ରାବାଦ୍, ଇନ୍ଦୋର, ଜୟପୁର, ଲକ୍ଷ୍ନୌ, ମୁମ୍ବାଇ ଏବଂ ଶ୍ରୀନଗରରେ ଏହି ଇ.ପି.ଏସ୍. ଗୁଡ଼ିକ କାର୍ଯ୍ୟକ୍ଷମ ହୋଇଛି । ପ୍ରଥମ ପର୍ଯ୍ୟାୟ ହଜ୍ ଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ଗତ ୧୦ ତାରିଖରୁ ଆରମ୍ଭ ହୋଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିଜୟୀ ହୋଇଛି । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍ ଠାରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦ୍ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଏହି ପରାଜୟ ସହ ଲକ୍ଷ୍ନୌ ପ୍ଲେଅଫ୍ ପର୍ଯ୍ୟାୟରୁ

ବାଦ୍ ପଡ଼ିଛି । ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୨୦୫ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୧୮ ଓଭର ୨ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ଅଭିଶେକ ଶର୍ମା ୫୯ରନ୍, ହେନିରିକ୍ କ୍ଲାସନ୍ ୪୭ରନ୍ ସଂଗ୍ରହ କରିଥିଲେ । ଅଭିଶେକ୍ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଏହି ପରାଜୟ ସହ ଲକ୍ଷ୍ନୌ ୧୨ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ହାସଲ କରି ତାଲିକାର ସପ୍ତମ ସ୍ଥାନରେ ରହିଛି ।

ଆଜି ଚେନ୍ନାଇ ସୁପରକିଙ୍ଗସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।